# ସମୃଦ୍ଧ ଢେଙ୍କାନାଳ ଜିଲା ଗଠନ ପାଇଁ ଆହ୍ୱାନ




ଢେଙ୍କାନାଳ,୨୪।୪(ରତନ ନାୟାର)

ଢେଙ୍କାନାଳ ସହର ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟରଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଯୋଗଦେଇ ଗ୍ରାମାଞ୍ଚଳରେ ତୃଣମୂଳସ୍ତରର ଲୋକଙ୍କ ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରି ସମୃଦ୍ଧ ଢେଙ୍କାନାଳ ଜିଲା ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ସୌଦାମିନୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ଢେଙ୍କାନାଳ ଜିଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୬୧୨୬ଟି ଗୃହ ନିର୍ମାଣ କରି ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି। ଏଥିପାଇଁ ବଲାଙ୍ଗୀରସ୍ଥିତ ଗାନ୍ଧୀ ଷ୍ଟାଡିୟମଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀଙ୍କୁ ପୁରସ୍କୃତ କରିଛନ୍ତି । ୨୦୨୬-୨୭ ଆର୍ଥିକ ବର୍ଷରେ ଜିଲା ପାଇଁ ୧୩୫୬ଟି ଗୃହ ନିର୍ମାଣ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ଅବସରର ୩ ଜଣଙ୍କୁ ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ୪ ଜଣଙ୍କୁ ପ୍ରୋତ୍ସାହନ ରାଶି (ପ୍ରତୀକାତ୍ମକ) ପ୍ରଦାନ କରାଯାଇଥିଲା। ଉତ୍ସବରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନରଞ୍ଜନ ନାୟକ, ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷ କାଳିନ୍ଦୀ ଚରଣ ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଦର ବିଡିଓ ରାହୁଲ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ । ସୁଶାନ୍ତ ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଜିଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

# ପରଜଙ୍ଗରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ



ପରଜଙ୍ଗ, ୨୪।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଶୁକ୍ରବାର ଜାତୀୟ ପଞ୍ଚାୟତରାଜ ଦିବସ ପାଳିତ ହୋଇଯାଇଛି। ପରଜଙ୍ଗ ବିଡିଓ ସୌଭାଗ୍ୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଯୋଗଦେଇ ବିଭିନ୍ନ ଯୋଜନାରେ ଆବେଦନ କରୁଥିବା ହିତାଧିକାରୀ ଯେକୌଣସି ଦଳର ହେଉ ନାଁ କାହିଁକି ପକ୍ଷପାତିତା କରା ନ ଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ୨୨୧ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିବା ବେଳେ ୧୬୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ଠିକ ସମୟରେ ଗୃହ କାର୍ଯ୍ୟ ସାରିଥିବା ୫ ଜଣ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଞ୍ଜିତ ଜେନା ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କର୍ମଚାରୀ ତପନ ସେଠ, ସୁମନ୍ତ ବେହେରା, ସୁବ୍ରତ ରାଉତ, ସହକାରୀ ଯନ୍ତ୍ରୀ ରାନୀ ପଣ୍ଡା, ସୁଶାନ୍ତ କୁମାର ଦେହୁରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟା ସଭ୍ୟ ଯୋଗଦେଇଥିଲେ।

# ପ୍ରତିଶ୍ରୁତିରେ ସୀମିତ ଢେଙ୍କାନାଳ ମେଡିକାଲ କଲେଜ

## ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ଅଭିଯୋଗ

ଢେଙ୍କାନାଳ,୨୪।୪(ରତନ ନାୟାର)

ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା କେବଳ ପ୍ରତିଶ୍ରୁତିରେ ସୀମିତ ବୋଲି ଜିଲା ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଅଭିଯୋଗ ହୋଇଛି। ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ବର୍ତ୍ତମାନ ସୁଦ୍ଧା କୌଣସି ଆନ୍ତରିକତା ପ୍ରକାଶ ପାଇନାହିଁ ଏବଂ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରି ନାହିଁ ବୋଲି ସଙ୍ଗଠନର ସଦସ୍ୟମାନେ ଅଭିଯୋଗ କରିଛନ୍ତି। ବିଶେଷଜ୍ଞ ଅଭାବ ଓ ଆଶୁ ଚିକିତ୍ସା ଅଭାବରୁ ବିଶେଷକରି ଦୁର୍ଘଟଣାରେ ପୀଡିତ ବ୍ୟକ୍ତମାନେ ଅକାରଣରେ ମୃତ୍ୟୁବରଣ କରୁଛନ୍ତି। ଗରିବ ଆଦିବାସୀ, ଦଳିତ, କୃଷକ ଓ ଶ୍ରମିକ ଅର୍ଥ ଅଭାବରୁ କଟକ, ଭୁବନେଶ୍ୱର ଯାଇ ଚିକିତ୍ସା କରାଇ ପାରୁନାହାନ୍ତି । କଲେଜ ପ୍ରତିଷ୍ଠା ନିମନ୍ତେ ପ୍ରାୟ ୩ରୁ ୪ବର୍ଷ ସମୟ ଲାଗିବ । ଏଥିରେ ପ୍ରାୟ ୭୦୦କୋଟି ଟଙ୍କା ଅର୍ଥ ବ୍ୟୟ ହେବାର ସମ୍ଭାବନା ଥିବାରୁ ସରକାର ବିଳମ୍ବ ନ କରି ମେଡିକାଲ କଲେଜ ପ୍ରତିଷ୍ଠା ଆରମ୍ଭ କରିବା ପାଇଁ ସଂଗଠନର ସଭାପତି ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ର ପ୍ରକାଶ ଶରଣ, ସରୋଜ ଶତପଥୀ, ବିନୟ କୁମାର ସାହୁ, ପୁଷ୍ପାଞ୍ଜଳି ପାଢୀ ଓ ଗୀତା ସାମଲ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।

# ସରକାରୀ ଯୋଜନାର ଲାଭ ଉଠାଇବାକୁ ଆହ୍ୱାନ



ଓଡ଼ାପଡ଼ା, ୨୪।୪ (ରଞ୍ଜିତ ନାୟକ)

ଓଡ଼ାପଡ଼ା ବ୍ଲକ ପରିସରରେ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଓଡ଼ାପଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ପ୍ରଧାନ, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି ଯୋଗଦେଇ ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ସେସବୁର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ବଲାଙ୍ଗୀରଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନର ସିଧା ପ୍ରସାରଣ ଏଲିଡ୍ ମାଧ୍ୟମରେ ଉପସ୍ଥିତ ଲୋକମାନେ ଦେଖିଥିଲେ। କେତେଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ପ୍ରମୁଖ ଯୋଗଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଚନ୍ଦନ ନାୟକ। ଶେଷରେ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ଖବରଦାତା ଅମରେନ୍ଦ୍ର ଦାସଙ୍କ ପରଲୋକ

ଢେଙ୍କାନାଳ,୨୪।୪(ରତନ ନାୟାର)



ଅମରେନ୍ଦ୍ର ଦାସ (ଫାଇଲ ଫଟୋ)

ଢେଙ୍କାନାଳର ବରିଷ୍ଠ ଖବରଦାତା ଅମରେନ୍ଦ୍ର ଦାସଙ୍କର ଶୁକ୍ରବାର ପ୍ରାୟ ୧ଟା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୩ବର୍ଷ ବୟସ ହୋଇଥିଲା । ଅତ୍ୟଧିକ ଗରମ ଓ ଗ୍ରୀଷ୍ମ ପ୍ରବାହ ଯୋଗୁ ଅଂଶୁଘାତର ଶିକାର ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଞ୍ଜୟ ମହାପାତ୍ରଙ୍କ ସୂଚନାରୁ ଜଣାପଡିଛି । ପ୍ରତିଦିନ ଭଳି ଅମରେନ୍ଦ୍ର ନିଜ କାର୍ଯ୍ୟସାରି ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ କଣ୍ଟାନାଳି ବାଇପାସ ନିକଟରେ ଥିବା ତାଙ୍କ ଘରକୁ ଫେରିଥିଲେ। ଘରେ ହଠାତ୍ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବରପାଇ ଢେଙ୍କାନାଳ ସହର ଏବଂ ଜିଲାରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଏମ୍‌ପି ରୁଦ୍ର ନାରାୟଣ ପାଣି, ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର, ମିଳିତ ବଜାର ଲକ୍ଷ୍ମୀପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀଙ୍କ ସମେତ ବହୁ କାଉନସିଲର ଓ ବ୍ୟକ୍ତିବିଶେଷ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଧ ଘଟଣା ସ୍ଥଳରେ ପହଞ୍ଚିଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କର ନିଜସ୍ୱ ଘରକୁ ନିଆଯାଇଥିଲା । ପତ୍ନୀ ଦେବସ୍ମିତା ଦାସ ଓ ଏକମାତ୍ର ପୁତ୍ର ଶୋକରେ ଭାଙ୍ଗି ପଡିଛନ୍ତି। ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ତାଙ୍କ ପରଲୋକରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଓ ପୂର୍ବତନ ଏମ୍‌ପି ମହେଶ ସାହୁ ଏବଂ ପୂର୍ବତନ ବିଧାୟକ ନବୀନ ନନ୍ଦ ମଧ ଶୋକବ୍ୟକ୍ତ କରିଛନ୍ତି । ଗଣମାଧ୍ୟମର ପ୍ରତିନିଧିମାନେ ମଧ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ତାଙ୍କ ବାସଭବନରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି । ଢେଙ୍କାନାଳ ଜିଲା ଖବରଦାତାମାନଙ୍କ ପକ୍ଷରୁ ଅମରେନ୍ଦ୍ର ଦାସଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।

# ଚୋରି ସାମଗ୍ରୀ ଜବତ, ୪ ଗିରଫ



ଚୋରି ବାଇଣ୍ଡିଂ ତାର ଓ ଗିରଫ ଅଭିଯୁକ୍ତ।

ଗଁଦିଆ,୨୪।୪(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଚୋରି ବାଇଣ୍ଡିଂ ତାର ଜବତ କରିବା ସହିତ ଶୁକ୍ରବାର ୪ଜଣଙ୍କୁ ଗିରଫ କରାଯାଇଛି। ବଣିଆପଡ଼ା ଗ୍ରାମର ଜଗନ ସାହୁ ଗଁଦିଆ ଛକଠାରେ ଏକ ମୋଟର ବାଇଣ୍ଡିଂ ଦୋକାନ କରିଥିଲେ। ଉକ୍ତ ଦୋକାନରୁ ଗତ ୧୬ ତାରିଖ ବିଳମ୍ବିତ ରାତିରେ ଲକ୍ଷାଧିକ ଟଙ୍କାର ତମ୍ବା ତାର ଚୋରି ହୋଇଥିବା ନେଇ ଗଁଦିଆ ଥାନାରେ ଦୋକାନୀର ମାଲିକ ଅଭିଯୋଗ କରିଥିଲେ । ଗଁଦିଆ ପୋଲିସ କେସ୍ ନଂ.୧୮୩/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରଖିଥିଲା । ଗୁରୁବାର ମଧ୍ୟରାତିରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ଗଁଦିଆ ଗ୍ରାମର ବିମଳ ମହାରଣା (୩୬), କୁସିଦା ଗ୍ରାମର କାହ୍ନୁଚରଣ ସାହୁ (୩୨), ସଦର ଥାନା ଗଦାଶିଳା ଗ୍ରାମର ରବିନାରାୟଣ ସାହୁ (୫୨) ଓ ଭୁବନ ୭ନମ୍ବର ୱାର୍ଡ ଅଞ୍ଚଳର ଡମ୍ବରୁଧର ବେହେରା (୫୫)ଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କୁ ପଚରାଉଚରା ପରେ ଚୋରି ସମ୍ପର୍କରେ ସ୍ୱୀକାର କରିବା ସହିତ ବାଇଣ୍ଡିଂ ତାରଗୁଡ଼ିକ ମନ୍ଦାର ଚିତଲପୁର କବାଡି ଦୋକାନ ଓ ଭୁବନ ଅଞ୍ଚଳର ଏକ କବାଡ଼ି ଦୋକାନରେ ବିକ୍ରି କରିଥିବା କହିଥିଲେ। ସେମାନଙ୍କଠାରୁ ୩୪୦୦ ନଗଦ ଟଙ୍କା ଓ ଓଡି୦୬-ସି-୧୫୬୫ ଏକ ମୋଟର ସାଇକେଲକୁ ମଧ୍ୟ ଜବତ କରାଯାଇଛି। ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଗଁଦିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ କହିଛନ୍ତି।

# ଦିଲ୍ଲୀ ପବ୍ଲିକ ସ୍କୁଲର କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ



ଦିଲ୍ଲୀ ପବ୍ଲିକ ସ୍କୁଲର ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ର।

ଢେଙ୍କାନାଳ,୨୪।୪(ରତନ ନାୟାର)

ସିବିଏସ୍‌ଇ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ଫଳରେ କୃତିତ୍ୱ ଅର୍ଜନ କରିଥିବା ଢେଙ୍କାନାଳ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କୁ ଗୁରୁବାର ସହରସ୍ଥିତ ସୂର୍ଯ୍ୟ ମଣ୍ଡପଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍କୁଲର ଅଧ୍ୟକ୍ଷ ସୁବ୍ରମଣ୍ୟ କୁମାର ଶ୍ରୀପଦ କହିଲେ, କଠିନ ପରିଶ୍ରମ ଓ ଶୃଙ୍ଖଳିତ ବ୍ୟବସ୍ଥା ଓ ଶିକ୍ଷକମାନଙ୍କର ନିରନ୍ତର ଚେଷ୍ଟାକୁ ପାଥେୟ କରି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ କୃତିତ୍ୱ ଅର୍ଜନ କରିଛନ୍ତି । ଏହି ସଫଳତା କେବଳ ଛାତ୍ରୀଛାତ୍ରମାନଙ୍କର ନୁହେଁ ବରଂ ବିଦ୍ୟାଳୟ ଓ ଅଭିଭାବକମାନଙ୍କ ପାଇଁ ମଧ୍ୟ ଗୌରବ । ଏହି ଅବସରରେ ୯୯ ପ୍ରତିଶତ ନମ୍ବର ରଖି ଢେଙ୍କାନାଳ ଜିଲାରେ ଟପ୍ପର ହୋଇଥିବା ବିଦ୍ୟାଳୟର ଛାତ୍ରୀ ଶ୍ରୀୟାଶିଳ୍ପୀ ସାହୁଙ୍କ ସମେତ ୯୦ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୪୫ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ପ୍ରୋଭାଇସ ଚେୟାରମ୍ୟାନ ବିନୋଦ ଦାଶ, ନିର୍ଦ୍ଦେଶକ ଡ. ଲଗ୍ନଜିତ ଦାଶଙ୍କ ମାର୍ଗଦର୍ଶନ ଓ ପ୍ରଶାସନିକ ଅଧିକାରୀ ମାନସ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷୟିତ୍ରୀ ଲିଲା ବିଶ୍ୱାଳ ଧନ୍ୟବାଦ ଜଣାଇଥିଲେ ।

# ଭାଜପା ପକ୍ଷରୁ ଶୋକ

ଢେଙ୍କାନାଳ,୨୪।୪(ରତନ ନାୟାର)

ଢେଙ୍କାନାଳ ଭାଜପାର ପୂର୍ବତନ ନେତା ତଥା ବରିଷ୍ଠ ଖବରଦାତା ଅମରେନ୍ଦ୍ର ଦାସଙ୍କ ଅକାଳ ବିୟୋଗରେ ଢେଙ୍କାନାଳ ଭାଜପା ପକ୍ଷରୁ ଶୁକ୍ରବାର ଗଭୀର ଶୋକବ୍ୟକ୍ତ କରାଯାଇଛି । ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ପ୍ରଯୁକ୍ତିବିଦ୍ୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣୀ, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭାଜପା ଜିଲା ସଭାପତି ରାସବିହାରୀ ବେହେରା, ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ପୌରାଧକ୍ଷା ଜୟନ୍ତୀ ପାତ୍ର, ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, ପୂର୍ବତନ ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ, ଜିଲା ସାଧାରଣ ସମ୍ପାଦକ ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପ୍ରେମାନନ୍ଦ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଶର୍ମା, ଜିଲା ଉପସଭାପତି ନିରୋଦ କୁମାର ସାହୁ, ଯୁବନେତା ସତ୍ୟ ରଞ୍ଜନ ଭୂୟାଁ, ପୂର୍ବତନ ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପବିତ୍ର କୁମାର ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ଦାସଙ୍କ ବିୟୋଗରେ ଶୋକପ୍ରକାଶ କରି ପରିବାରଙ୍କୁ ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ ।

# ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଢେଙ୍କାନାଳ,୨୪।୪(ରତନ ନାୟାର)




ଢେଙ୍କାନାଳ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲଠାରେ ରାଜ୍ୟସ୍ତରୀୟ ୧୭ବର୍ଷରୁ କମ୍ ର୍‌ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପୌରାଧକ୍ଷା ଜୟନ୍ତୀ ପାତ୍ର, ପୂର୍ବତନ ଭାଜପା ଜିଲା ସଭାପତି ନରେଶ ମହାପାତ୍ର, ଓଏସ୍‌ବିଏର ଜୋନାଲ୍ କୋର୍ଡିନେଟର୍ ଅଜିତ୍ ମହାନ୍ତି, ଟୁର୍ନାମେଣ୍ଟ ନିର୍ଦ୍ଦେଶକ ସମୀର କୁମାର ଦାସ, ମୁଖ୍ୟ ରେଫରି ବିଜୟ କୁମାର ବାଗଙ୍କ ସମେତ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ସମ୍ପାଦକ ଟଙ୍କଧର ବେହେରା, କାର୍ଯ୍ୟକାରୀ ସଭାପତି ଅମିତ ରଞ୍ଜନ ଶତପଥୀ ଓ ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ମଞ୍ଚାସୀନ ଥିଲେ । ଏହି ପ୍ରତିଯୋଗିତାରେ ରାଜ୍ୟର ସମସ୍ତ ଜିଲାରୁ ୧୫୦ଜଣ ଖେଳାଳି ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ୩ ଦିନ ଧରି ଚାଲିବ । ଟୁର୍ନାମେଣ୍ଟର ଫଳାଫଳ ଅନୁଯାୟୀ ଖେଳାଳିମାନଙ୍କର ରାଜ୍ୟରେ ର୍‌ୟାଙ୍କିଙ୍ଗ ଚୟନ କରାଯିବ । ଟୁର୍ନମେଣ୍ଟକୁ ରଶ୍ମି ପ୍ରକାଶ ପଟ୍ଟନାୟକ, ମାନସ କୁମାର ସାହୁ, ତାରେଣୀ ମାଝୀ, ଅଂଶ ମିତଲ, ଅଂଶୁମାନ ମିଶ୍ର ଓ ବ୍ରିଜେଶ ମିଶ୍ର ପରିଚାଳନା କରୁଛନ୍ତି ।

# ଶ୍ରେଷ୍ଠ ପଞ୍ଚାୟତ ଓ କର୍ମଚାରୀ ପୁରସ୍କୃତ

## ଗଁଦିଆରେ ଜାତୀୟ ପଞ୍ଚାୟତିରାଜ ଦିବସ

ଗଁଦିଆ,୨୪।୪ (ବିଶ୍ୱ ମୋହନ ସାହୁ)



ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ ଜିଲା ଗଁଦିଆ ପଞ୍ଚାୟତ ସମିତିଠାରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଗଁଦିଆ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ବିଡିଓ ପବିତ୍ର କୁମାର ବେହେରା, ଢେଙ୍କାନାଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଲଳିତ ଦାସ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ସରପଞ୍ଚ ଓ ସମିତିସଭ୍ୟ ଓ ଶତାଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତର ୧୭ଜଣଙ୍କୁ ରାଶନକାର୍ଡ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୬୦ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ୩୫ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ବ୍ଲକରେ ସର୍ବଶ୍ରେଷ୍ଠ ପଞ୍ଚାୟତ ଓ କର୍ମଚାରୀମାନଙ୍କୁ ମାନପତ୍ର ପ୍ରଦାନ ସହ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବରଦା, ଗ୍ରାମୀଣ ଆବାସରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ନେଉଳପୋଇ, ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ବିଧାରପୁର, ଶ୍ରେଷ୍ଠ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମନୋରଞ୍ଜନ ସାହୁ, ଶ୍ରେଷ୍ଠ ଏଡିଇଓ ଭାବେ ସିଲି ମହାରଣା, ଶ୍ରେଷ୍ଠ ଜିଆରଏସ୍ ଭାବେ ପୃଥ୍ୱୀ ନାୟକ, ବ୍ଲକର ଶ୍ରେଷ୍ଠ କର୍ମଚାରୀ ସ୍ନେହାଶିଷ ସାହୁ ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ଖୁବଶୀଘ୍ର ରାଶନ କାର୍ଡ ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବଳକା ଥିବା ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ସୂଚନା ଦେଇଛନ୍ତି।

**ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳିତ**

# ଗ୍ରାମର ଭୂମିକା ଉପରେ ଗୁରୁତ୍ୱାରୋପ



ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୨୪।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ବ୍ଲକ୍ ଡାଇମଣ୍ଡ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ପଞ୍ଚାୟତିରାଜ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଗ୍ରାମାଞ୍ଚଳର ବିକାଶ ଓ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ କହିବା ସହ ପଞ୍ଚାୟତିରାଜରେ ଗ୍ରାମର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ନିଃସ୍ୱାର୍ଥପର ଭାବେ କାମ କଲେ ବିକଶିତ ଅନୁଗୋଳ ଓ ବିକଶିତ ଓଡ଼ିଶା ସମ୍ଭବ ବୋଲି ସେ କହିଥିଲେ। ଏହି ଅବସରରେ ଜନହିତକର ଯୋଜନାଗୁଡ଼ିକରେ ଅଗ୍ରଣୀ ପ୍ରଦର୍ଶନ କରିଥିବା ବ୍ଲକ୍ ଓ ପଞ୍ଚାୟତଗୁଡ଼ିକୁ ଅତିଥିମାନେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଏମ୍ପିଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ପଞ୍ଚାୟତ ସମିତି କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟସ୍ତରରେ ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଧାପ୍ରସାରଣରେ ଯୋଗ ଦେଇଥିଲେ।

# ଭଗ୍ନ ଅବସ୍ଥାରେ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ



ଭଙ୍ଗା ଶ୍ରେଣୀଗୃହ ସମ୍ମୁଖରେ ଗ୍ରାମବାସୀ।

ସନ୍ତ୍ରୀଛକ,୨୪।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣ୍ଟରପାଳ ବ୍ଲକ ବଉଳିଗଡ଼ ଗ୍ରାମ ଜୁହାରପୁର ସାହିରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ ଭଗ୍ନ ଅବସ୍ଥାରେ ଥିବା ଜୁହାରପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀ କହିଛନ୍ତି, ଜୁହାରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ଦିଆଯାଉଛି। ଗୋଟିଏ ଶ୍ରେଣୀଗୃହ ଛାତ ଘର ହୋଇଥିବାବେଳେ ଅନ୍ୟ ଶ୍ରେଣୀଗୃହଗୁଡିକ ପୁରୁଣା ଟାଇଲ ଛପର। ଉକ୍ତ ଟାଇଲ ଛପର ଗୃହର ବହୁ ଟାଇଲ କାଳବୈଶାଖୀ ଯୋଗୁ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଗୋଟିଏ ଛାତ ଘରେ ୫ଟି ଶ୍ରେଣୀର ପିଲା ପଢୁଥିବାବେଳେ ୨ଜଣ ଶିକ୍ଷକରେ ଶିକ୍ଷାଦାନ ଦିଆଯାଉଛି। ଏହି ଅଞ୍ଚଳ ଶିଳ୍ପସମୃଦ୍ଧ ହୋଇଥିବାବେଳେ ସ୍କୁଲ ଗୃହର ଏପରି ଚିତ୍ର ଅସନ୍ତୋଷ ସୃଷ୍ଟି କରିଛି। ହାତୀ ପ୍ରବଣ ଅଞ୍ଚଳ ହୋଇଥିଲେ ହେଁ ସ୍କୁଲ ଚାରି ପାଖରେ ସୁରକ୍ଷା ପାଚେରି ନାହିଁ। ବଉଳିଗଡ଼ ସରପଞ୍ଚ ଅମରେନ୍ଦ୍ର ଗଡ଼ନାୟକ କହିଛନ୍ତି, ସରକାରଙ୍କ ତରଫରୁ ଏକ ଶ୍ରେଣୀଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଛି, ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ତୁରନ୍ତ ସ୍କୁଲର ସୁରକ୍ଷା ପାଚେରି, ଶ୍ରେଣୀଗୃହ, ଅଧିକ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଜୁହାରପୁର ଗ୍ରାମବାସୀ ଶିଶିର ନାଏକ, ସୁବଳ ନାଏକ, ମହେଶ୍ୱର ନାଏକ, ମଙ୍ଗରାଜ ନାଏକ, ଭରତ ନାଏକ ପ୍ରମୁଖ ସରକାରଙ୍କୁ ନିବେଦନ କରିଛନ୍ତି।

# ବନ୍ତଲା ଥାନାରେ ନାହିଁ ଆବଶ୍ୟକ ଭିତ୍ତିଭୂମି

ବନ୍ତଲା,୨୪।୪(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନାରେ ଭିତ୍ତିଭୂମିର ଅଭାବ ପରିଲକ୍ଷିତ ହେଉଛି। ଜଣେ ଥାନା ଅଧିକାରୀ, ଜଣେ ଅତିରିକ୍ତ ଥାନା ଅଧିକାରୀ, ୨ଜଣ ସବ୍‌ଇନ୍ସପେକ୍ଟର, ୬ଜଣ ଏଏସ୍‌ଆଇ, ୧୧ଜଣ କନ୍‌ଷ୍ଟେବଲ, ଜଣେ ହାବିଲଦାର, ୯ଜଣ ହୋମଗାର୍ଡ ଏଠାରେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କ ପାଇଁ ଆବଶ୍ୟକ କୋଠରି ନାହିଁ। ଗୋଟିଏ କୋଠରିରେ ୭ଜଣ ଅଧିକାରୀ କାର୍ଯ୍ୟ ତୁଲାଉ ଥିବାବେଳେ ଛୋଟ ୨ଟି କୋଠରିରେ ୨ଜଣ ସବ୍‌ଇନ୍ସପେକ୍ଟର କାର୍ଯ୍ୟ ତୁଲାଉଛନ୍ତି। ଥାନା ଅଧିକାରୀଙ୍କ ପାଇଁ ଗୋଟିଏ ଛୋଟ କୋଠରି ଥିଲାବେଳେ ଅତିରିକ୍ତ ଅଧିକାରୀଙ୍କ ପାଇଁ କୋଠରି ନାହିଁ। ବନ୍ତଲା ଅଞ୍ଚଳରେ ୧୬ଟି ପଞ୍ଚାୟତର ୯୬ଟି ଗାଁକୁ ନେଇ ଚାଲୁଥିବା ଏହି ଥାନାରେ ଅଧିକାରୀ ଓ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସାଧାରଣ ଲୋକେ ଥାନାକୁ ଅଭିଯୋଗ ନେଇ ଆସୁଥିଲାବେଳେ ସେମାନଙ୍କ ବସିବା ପାଇଁ ସ୍ଥାନର ଅଭାବ ହେଉଥିବା ପରିଲକ୍ଷିତ ହେଉଛି। ଏପରି କି ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଥାନାରେ ବ୍ୟବସ୍ଥା କରାଯାଇ ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ଗାଁର ବିକାଶ ହେଲେ ଦେଶର ବିକାଶ ହେବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଆଠମଲ୍ଲିକ,୨୪।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ କଲେଜ ରୋଡ୍ ପାର୍ଶ୍ୱରେ ନବନିର୍ମିତ କଲ୍ୟାଣମଣ୍ଡପ ପରିସରରେ ପଞ୍ଚାୟତ ସମିତି ତରଫରୁ ଜାତୀୟ ପଞ୍ଚାୟତିରାଜ ଦିବସ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟିଟୋସ ମହାନନ୍ଦିଆ ଆବାସ ଯୋଜନା, ରାସ୍ତା ନିର୍ମାଣ, ବାର୍ଦ୍ଧକ୍ୟ ଭତ୍ତା ଆଦି ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ବୁଝାଇବା ସହିତ ଫାଇଦା ନେବାକୁ ହିତାଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଓ ଉନ୍ନୟନମୂଳକ ଯୋଜନାରୁ କିପରି ଫାଇଦା ପାଇବେ ସେ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଗାଁର ବିକାଶ ହେଲେ ଦେଶର ବିକାଶ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଏମ୍ପିଙ୍କ ପ୍ରତିନିଧି ପ୍ରକାଶ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଆବାସ ଯୋଜନାରେ ୧୨୫ ଜଣଙ୍କୁ କାର୍ଯ୍ୟାଦେଶ, ୧୮ ଜଣଙ୍କୁ ନୂତନ ଭତ୍ତା, ୧୨ ଜଣଙ୍କୁ ଜବ୍‌କାର୍ଡ ଓ ୫ ଜଣ ହିତାଧିକାରୀଙ୍କୁ ବୋନସ ବଣ୍ଟନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ ଏବିଡିଓ ପଞ୍ଚାନନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପକ କୁମାର ଗଡ଼ତିଆଙ୍କ ସମେତ ସମସ୍ତ କନିଷ୍ଠ ଯନ୍ତ୍ରୀ, ବ୍ଲକ୍ କର୍ମଚାରୀ ସହଯୋଗ କରିଥିଲେ।

# ବଇଣ୍ଡାରେ ଜଳଛତ୍ର ଉଦ୍‌ଘାଟିତ




ଅତିଥିମାନେ ବାଟୋଇଙ୍କୁ ଦହିପାଣି ବଣ୍ଟନ କରୁଛନ୍ତି।

ବଇଣ୍ଡା, ୨୪।୪ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଛକ ଠାରେ ଅସହାୟ ସହାୟତା କମିଟି ପକ୍ଷରୁ ଶୁକ୍ରବାର ଜଳଛତ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଯୋଗଦେଇ ବାଟୋଇଙ୍କୁ ଦହି ପାଣି ବଣ୍ଟନ କରିଥିଲେ। ଏଥିସହ କମିଟିର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ବଇଣ୍ଡା ପ୍ରଜାପତି ବ୍ରହ୍ମା କୁମାରୀ ବିଦ୍ୟାଳୟର ପରିଚାଳିକା ବିନୋଦିନୀ ସାହୁ, ଅବସରପ୍ରାପ୍ତ ଆଇଆଇସି ଅର୍ଜୁନ କୁମାର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷୀରେନ୍ଦ୍ର ମୋହନ ଦେହୁରୀ, ସନ୍ତୋଷ ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ରାମଚନ୍ଦ୍ର ପ୍ରଧାନ, ବିନୟ ବିଶ୍ୱାଳଙ୍କ ସମେତ ବହୁତ ସଦସ୍ୟ ଯୋଗ ଦେଇଥିଲେ।

# ମୃତ୍ୟୁ ପରେ ଅଙ୍ଗଦାନ ପାଇଁ ସମ୍ମତି



ଅଙ୍ଗଦାନ ପାଇଁ ପଞ୍ଜୀକରଣ କରୁଛନ୍ତି ଡାକ୍ତର ଦମ୍ପତି।

ଅନୁଗୋଳ,୨୪।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ ପ୍ରଥମ ଥର ପାଇଁ ଅଙ୍ଗଦାନ କରିବାକୁ ଏକ ଦମ୍ପତି ପଞ୍ଜୀକରଣ କରିଛନ୍ତି। ଅନୁଗୋଳ ସହର ପାଖ ଖଲାରି ଗାଁର ଅବସରପ୍ରାପ୍ତ ରେଡିଓଲୋଜିଷ୍ଟ ଡା. ଗୋପାଳ ଚନ୍ଦ୍ର ତ୍ରିପାଠୀ ଏବଂ ତାଙ୍କ ସ୍ତ୍ରୀ ପ୍ରକୃତି ତ୍ରିପାଠୀ ମୃତ୍ୟୁ ପରେ ଅଙ୍ଗ ଦାନ ପାଇଁ ମେଡିକାଲ କଲେଜକୁ ଯାଇ ପଞ୍ଜୀକରଣ କରିଥିଲେ। ଡାକ୍ତରୀ ଛାତ୍ରୀଛାତ୍ରଙ୍କ ବାସ୍ତବ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ବିଶେଷ ସହାୟକ ହେବ ବୋଲି ଡା. ତ୍ରିପାଠୀ ପ୍ରକାଶ କରିଛନ୍ତି। ଏହି ପଞ୍ଜୀକରଣ ବେଳେ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର କୀର୍ତ୍ତିରେଖା ମହାପାତ୍ର, ଆନାଟୋମି ବିଭାଗ ପ୍ରଫେସର ଡା. ସତ୍ୟଶ୍ରୀ ରାୟ ଏବଂ ସହକାରୀ ପ୍ରାଧାପକ ଡା. ମନୋଜ କୁମାର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଡାକ୍ତର ଦମ୍ପତିଙ୍କ ଏହି ମହନୀୟ କାର୍ଯ୍ୟ ପାଇଁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

# ଆଦିମାତାଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା

ବନ୍ତଲା,୨୪।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାଗଡ଼ ଶାସନ ବଜାର ଗ୍ରାମର ମା' ଆଦିମାତାଙ୍କ ନୂତନ ମନ୍ଦିର ସହ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଅଙ୍କୁରାରୋପଣ, କଳସଯାତ୍ରା, ବିଗ୍ରହ ସ୍ନାନ, ମନ୍ଦିର ସ୍ନାନ, ମାତୃକା ନ୍ୟାସ, ସୂର୍ଯ୍ୟପୂଜା, ପ୍ରାଣପ୍ରତିଷ୍ଠା, ଯଜ୍ଞ, ମା'ଙ୍କ ମନ୍ଦିର ପ୍ରବେଶ, ପୂର୍ଣ୍ଣାହୁତି ଆଦି ସମ୍ପନ୍ନ ହୋଇଥିଲା। ଯଜ୍ଞକର୍ତ୍ତା ଭାବେ ପ୍ରେମାନନ୍ଦ ସାହୁ ଓ ଟୁନି ସାହୁ କାର୍ଯ୍ୟ ତୁଲାଇଥିଲେ। କୃଷ୍ଣଚନ୍ଦ୍ର ପାତ୍ର, ଶାନ୍ତିଲତା ପାତ୍ର ରବିନାରାୟଣ ସାହୁ, ଜ୍ୟୋତ୍ସ୍ନାମୟୀ ସାହୁ, ବିଦ୍ୟାଧର ସାହୁ, ଦୀପ୍ତିମୟୀ ସାହୁ, ପ୍ରଦ୍ୟୁମ୍ନ ସାହୁ, ଲିପି ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ। ଆଚାର୍ଯ୍ୟ ଅଜିତ୍ କର, ଶେଷଦେବ ମିଶ୍ର, ରଘୁନନ୍ଦନ ମିଶ୍ର, ରୁଦ୍ରନାରାୟଣ ମିଶ୍ର ଯଜ୍ଞକାର୍ଯ୍ୟ ସମ୍ପନ୍ନ କରିଥିଲେ। ମନ୍ଦିରର ସ୍ଥାୟୀ ପୂଜକ କୁମାର ମିଶ୍ର ବିଧିବିଧାନ ସହ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପଣ୍ଡିତ ମହେଶ ସାହୁ, ଅନୁଗୋଳ ଜିଲା ଭାଜପା ସାଧାରଣ ସମ୍ପାଦକ ପ୍ରଭାତ ପ୍ରଧାନ, ବିଜେଡି ଯୁବନେତା ଅରୁଣାଭ ସିଂହ, ବରିଷ୍ଠ ବିଜେଡି ନେତା ଶକ୍ତି ପଟ୍ଟନାୟକ, ମହେନ୍ଦ୍ର ବସ୍ତିଆ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ସମସ୍ତ ସଭ୍ୟାସଭ୍ୟ ଓ ଗଜାନନ କ୍ଲବର କାର୍ଯ୍ୟକର୍ତ୍ତା ଆୟୋଜନରେ ସହଯୋଗ କରିଥିଲେ।



# ଚୋରାଚାଲାଣବେଳେ ପ୍ରଶାସନର ଚଢ଼ାଉ



ଚଢ଼ାଉ ବେଳେ ଜବତ ହୋଇଥିବା ୩ଟି ମାଟି ବୋଝେଇ ଗାଡ଼ି।

ପାଲଲହଡ଼ା,୨୪।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ପ୍ରଶାସନ ପକ୍ଷରୁ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ ବିରୋଧରେ ଶୁକ୍ରବାର ଏକ ମିଳିତ ଚଢ଼ାଉ କରାଯାଇଛି। ଖଣି ନିର୍ଦ୍ଦେଶାଳୟ ତାଳଚେର, ଜଙ୍ଗଲ ବିଭାଗ, ପୋଲିସ ଏବଂ ରାଜସ୍ୱ ବିଭାଗ ଅଧିକାରୀ ପ୍ରମୁଖ ମିଳିତ ଭାବେ ଉକ୍ତ ଚଢ଼ାଉରେ ସାମିଲ ହୋଇଥିଲେ। ତହସିଲଦାର ଆକାଂକ୍ଷା ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ତହସିଲଦାର ମଦନ ମୋହନ ଜେନା ଚଢ଼ାଉର ନେତୃତ୍ୱ ନେଇଥିଲେ। ଏହି ଅଭିଯାନ ପାଲଲହଡ଼ା ସଦର ମହକୁମାଠାରୁ ଆରମ୍ଭ ହୋଇ ଖମାର ଅଞ୍ଚଳ ପର୍ଯ୍ୟନ୍ତ ହୋଇଥିଲା। ଚଢ଼ାଉବେଳେ ଗୋଟିଏ ଚୋରା ବାଲି ବୋଝେଇ ଟ୍ରାକ୍ଟର ଏବଂ ୩ଟି ବେଆଇନ ମାଟି ବୋଝେଇ ଗାଡ଼ି ଜବତ କରାଯାଇ ପାଲଲହଡ଼ା ଥାନା ଏବଂ ଖମାର ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଚଢ଼ାଉବେଳେ କନିଷ୍ଠ ଖଣି ଅଧିକାରୀ ସିଦ୍ଧାନ୍ତ ବେହେରା, ରଶ୍ମିରଞ୍ଜନ ଦେହୁରୀ, ଶ୍ରୀବନ କୁମାର ବେହେରା, ଫରେଷ୍ଟଗାର୍ଡ ଯଶୋବନ୍ତ ଦାସ ଓ ପୋଲିସ କନ୍‌ଷ୍ଟେବଲ ବିଭୂତି ଭୂଷଣ ନାୟକ ସାମିଲ ଥିଲେ। ଲଘୁ ଖଣିଜ ଚୋରା ଚାଲାଣ ବିରୋଧରେ ଏପରି କଠୋର କାର୍ଯ୍ୟାନୁଷ୍ଠାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ପାଲଲହଡ଼ା ତହସିଲଦାର ଆକାଂକ୍ଷା ପ୍ରକାଶ କରିଛନ୍ତି।

# ୭୫ ପ୍ରକଳ୍ପ ସମାପ୍ତି,ପାଲଲହଡ଼ା ଶ୍ରେଷ୍ଠ ବ୍ଲକ୍



ଅତିଥିମାନେ ସମ୍ବର୍ଦ୍ଧନା ପ୍ରଦାନ କରୁଛନ୍ତି।

**ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ**

ପାଲଲହଡ଼ା,୨୪।୪(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ସଦରମହକୁମାଠାରେ ଶୁକ୍ରବାର ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର ପଟେଲ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀନାରାଣୀ ନାଏକ, ଢେଙ୍କାନାଳ ଏମ୍ପିଙ୍କ ପ୍ରତିନିଧି ଲିଙ୍ଗରାଜ ଦାସ, ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଶାନ ମିଶ୍ର କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ୧୬ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ କାର୍ଯ୍ୟବଣ୍ଟନ କରାଯାଇଥିଲା। ବଡିସୁଆଁ ପଞ୍ଚାୟତର ପାରା ବେହେରା ଓ ବାଲିପଶି ଭିକାରୀ ମୁଣ୍ଡାଙ୍କୁ ୬ ମାସ ମଧ୍ୟରେ ଗୃହଶେଷ କରିଥିବାରୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ସେହିପରି ଆଲୋରୀ ସରପଞ୍ଚ ମୀନା ସାହୁ, ବାଲିପଶି ସରପଞ୍ଚ ଧୀରେଶ୍ୱରୀ ଗଡ଼ନାୟକ, କର୍ଡାପାଳ ପଞ୍ଚାୟତର ପିଅନ ଦୁଷ୍ମନ୍ତ ପ୍ରଧାନ, ମୀନକେତନ ସାହୁ, ଜଗନ୍ନାଥ ନାୟକଙ୍କୁ ସେମାନଙ୍କ ସ୍ୱତନ୍ତ୍ର ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶାର ବିକଶିତ ଗାଁ ବିକଶିତ ଓଡ଼ିଶା ୨୦୨୪-୨୫ ଅଧୀନରେ ପାଲଲହଡ଼ା ପ୍ରଥମସ୍ଥାନ ଅଧିକାର କରି ୩.୧ କୋଟି ବ୍ୟୟରେ ସମସ୍ତ ୭୫ଟି ପ୍ରକଳ୍ପ ସଫଳତାର ସହ ସମାପ୍ତ କରି ଜିଲାରେ ପ୍ରଥମ ବ୍ଲକ ଭାବେ ସଫଳତା ହାସଲ କରିଛି। ପାଲଲହଡ଼ା ବ୍ଲକର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଗଣମାଧ୍ୟମ ପ୍ରତିନିଧି ଏବଂ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇଥିଲେ।

# ମା' ବିମଳା ଓ ଲକ୍ଷ୍ମୀଙ୍କ ନଗର ପରିକ୍ରମା

ଆଠମଲ୍ଲିକ,୨୪।୪(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଭବ୍ୟ 'ଗର ପରିକ୍ରମା କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଗୁରୁବାର ପୂର୍ବାହ୍ନରେ ଶତାଧିକ ମହିଳା ଓ ଭକ୍ତ ଏକ ବିଶାଳ ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରିଥିଲେ। ପାରମ୍ପରିକ ବାଦ୍ୟ, ଶଙ୍ଖ ଧ୍ୱନି ଓ ହୁଳହୁଳିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ପଣ୍ଡିତ ମଣ୍ଡଳୀ ଅଶୋକ ମିଶ୍ର, ରିଙ୍କୁଲାଲ ମିଶ୍ର, ପ୍ରଶାନ୍ତ ମହାପାତ୍ର, ରୁଦ୍ର ମୋହନ ମିଶ୍ର ଓ ନିର୍ମଳ ମିଶ୍ରଙ୍କ ଦ୍ୱାରା ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ମନ୍ତ୍ର ପାଠ ପୂର୍ବକ ମା'ଙ୍କ ଭବ୍ୟ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। କର୍ତ୍ତା ଭାବେ ବିଶ୍ୱରଞ୍ଜନ ଦେଓ ଓ ଭନ୍ତାଚାରୁ ଦେଓ କାର୍ଯ୍ୟ ସମ୍ପାଦନ କରିଥିଲେ। ଠାକୁରଗଡ଼ ଥାନା ଅଧିକାରୀ ଶଶୀଭୂଷଣ ବେହେରା, ମନୋଜ କୁମାର ବେହେରା, କେଶବ ସାହୁ, ଯଶୋବନ୍ତ ନାୟକ ଓ ହାବିଲଦାର ଦେବେନ୍ଦ୍ର କୁମାର ସାହୁ ଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟିର ଶତ୍ରୁଘ୍ନ ସାହୁ, ସନ୍ତୋଷ କୁମାର ସାହୁ, ବସନ୍ତ କୁମାର ସାହୁ, ସୁରିଆ ସାହୁ, ସୁଜିତ କୁମାର ଦେହୁରୀ, ସୌରଭ ମିଶ୍ର, ମନୋଜ କୁମାର ରାଉତ, ଅଶ୍ୱିନୀ କୁମାର ଖୁଣ୍ଟିଆ, ନୀଳକଣ୍ଠ ରାଉତ ଓ ସତ୍ୟବ୍ରତ ସେନାପତି, ଧନଞ୍ଜୟ ନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା।



ଠାକୁରଗଡ଼ ଅଞ୍ଚଳରେ ମା' ବିମଳା ଓ ମା' ଲକ୍ଷ୍ମୀଙ୍କ ବିଗ୍ରହକୁ ନଗର ପରିକ୍ରମା କରାଯାଉଛି।

